## ୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ :** ଅନୁଗୋଳ ଜିଲାରୁ ଶନିବାର ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୫୪୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ଜଣେ, ଅନୁଗୋଳ ପୌରାଞ୍ଚଳରୁ ଜଣେ ଓ ବଅଁରପାଳ ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୭ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଚିକିତ୍ସା ପରିବର୍ତ୍ତେ ରୋଗୀଙ୍କୁ ରେଫର

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୩।୪**



■ପ୍ରତିବର୍ଷ ଅଧିକରୁ ଅଧିକ ହେଉଛନ୍ତି ସ୍ଥାନାନ୍ତର
■ପ୍ରଶ୍ନବାଚୀରେ ଅନୁଗୋଳ ଜିଲା ସ୍ୱାସ୍ଥ୍ୟସେବା
■ଘରୋଇ ନର୍ସିଂହୋମ ପ୍ରୀତି ହୋଇପାରେ କାରଣ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଭିତ୍ତିଭୂମି ରହିଛି। ସେଥିପାଇଁ ଜିଲାର ବିଭିନ୍ନ ପ୍ରାଥମିକ, ଗୋଷ୍ଠୀ ଓ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀଙ୍କୁ ଏଠାକୁ ପଠାଯାଉଛି। ଏପରି କି ପଡ଼ୋଶୀ ଜିଲାଗୁଡ଼ିକରୁ ମଧ୍ୟ ବହୁ ରୋଗୀ ଅନୁଗୋଳ ମେଡିକାଲ ଆସୁଛନ୍ତି। କିନ୍ତୁ ଅନେକ ସମୟରେ ସାମାନ୍ୟ ଗୁରୁତର ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରା ନ ଯାଇ ଅନ୍ୟତ୍ର ରେଫର କରିଦିଆଯାଉଛି। ପ୍ରତିବର୍ଷ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯାଉଥିବାରୁ ରେଫର ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବା କଥା। ହେଲେ ବର୍ଷକୁ ବର୍ଷ ଏହା ବଢ଼ି ଚାଲିଥିବାରୁ ଜିଲା ସ୍ୱାସ୍ଥ୍ୟସେବାକୁ ନେଇ ରୋଗୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ପଛରେ ଘରୋଇ ନର୍ସିଂହୋମ ପ୍ରୀତି ରହିଥିବା ସାଧାରଣରେ ଆଲୋଚନା ହେଉଛି।

ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଅନୁଗୋଳ ଜିଲାରେ ୩ଟି ଉପଖଣ୍ଡ, ୯ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୩୧ଟି ପ୍ରାଥମିକ ଚିକିତ୍ସାଳୟ ରହିଛି। ଦୈନିକ ସହସ୍ରାଧିକ ରୋଗୀ ଚିକିତ୍ସାସେବା ପାଇଁ ଏଠାକୁ ଆସିଥାନ୍ତି। ଏହାଛଡ଼ା ଢେଙ୍କାନାଳ, ଦେବଗଡ଼, ବୌଦ୍ଧ ଓ ସମ୍ବଲପୁର ସୀମାନ୍ତ ଅଞ୍ଚଳରୁ ରୋଗୀମାନେ ମଧ୍ୟ ଅନୁଗୋଳ ଜିଲାର ଚିକିତ୍ସାଳୟଗୁଡ଼ିକ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ମେଡିକାଲ ରେକର୍ଡ କହୁଛି, ୨୦୧୮-୧୯ ବର୍ଷରେ ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ୧୩ ଲକ୍ଷ ୬୧ ହଜାର ୬୨ ରୋଗୀ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୮୫ ହଜାର ୩୮୪ ଜଣ ଅନ୍ତଃବିଭାଗରେ ଚିକିତ୍ସିତ ହୋଇଛନ୍ତି। ୧୩୯୫ ଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ୧୬୦୦ ରୋଗୀ ଅନ୍ୟତ୍ର ରେଫର ହୋଇଛନ୍ତି। ୨୦୧୯-୨୦ ବର୍ଷରେ ୧୪ ଲକ୍ଷ ୫୧ ହଜାର ୪୦୯ ଜଣ ରୋଗୀ ଅସିଥିବାବେଳେ ୯୬ ହଜାର ୩୨୪ ଜଣ ଅନ୍ତଃବିଭାଗରେ ଚିକିତ୍ସିତ ହୋଇଛନ୍ତି। ୧୩୧୬ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ୧୯୯୧ ରୋଗୀଙ୍କୁ ରେଫର କରାଯାଇଛି। ୨୦୨୦-୨୧ ବର୍ଷରେ ୧୦ ଲକ୍ଷ ୪୯ ହଜାର ୪୧୯ ରୋଗୀ ଆସିଥିବାବେଳେ ୬୩ ହଜାର ୧୮୪ ଜଣ ଅନ୍ତଃବିଭାଗରେ ଚିକିତ୍ସିତ ହୋଇଛନ୍ତି। ୧୬୬୮ ଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ସର୍ବାଧିକ ୨୧୨୭ ରୋଗୀ ଅନ୍ୟତ୍ର ରେଫର ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଆଧୁନିକୀକରଣ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବିଭିନ୍ନ ବିଭାଗରେ ଡାକ୍ତର, ବିଶେଷଜ୍ଞ ପଦ ପୂରଣ କରାଯାଉ ନ ଥିବାରୁ ଏହାର ଫାଇଦା ଉଠାଇ କେତେଜଣ ଡାକ୍ତର ସାମାନ୍ୟ ଗୁରୁତରଙ୍କୁ ଅନ୍ୟତ୍ର ରେଫର କରିଦେଉଥିବା ଅଭିଯୋଗ ହେଉଛି।

### ଘରୋଇ ଚିକିତ୍ସାଳୟ ସହ ଗୁପ୍ତ ବୁଝାମଣା



"ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ସମସ୍ତ ଚିକିତ୍ସା ସେବା ମିଳୁଥିବା ସରକାର କହୁଛନ୍ତି। ହେଲେ ରୋଗୀମାନେ ସେହି ସୁବିଧା ନ ନେଇ ଘରୋଇ ନର୍ସିଂହୋମକୁ ଯାଇ ଶୋଷଣର ଶିକାର ହେଉଛନ୍ତି। ଘରୋଇ ମେଡିକାଲ ସହ ଗୁପ୍ତ ବୁଝାମଣା କରାଯାଇ ସେଠାକୁ ରୋଗୀଙ୍କୁ ରେଫର କରାଯାଉଛି।

-ଉପେନ୍ଦ୍ର ଶର୍ମା, ସିଟୁ ଜିଲା ସାଧାରଣ ସମ୍ପାଦକ

### ଚିକିତ୍ସାରେ ଅବହେଳା କରାଯାଉଛି



"ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। କିନ୍ତୁ ରୋଗୀସେବାରେ ଅବହେଳା କରାଯାଉଛି। ଖାଲି ପଡ଼ିଥିବା ଡାକ୍ତରୀ ପଦବୀ ଏହାର ଅନ୍ୟତମ କାରଣ। ଏ ଦିଗରେ ଦୃଷ୍ଟି ଦିଆଗଲେ ରୋଗୀମାନେ ଅସୁବିଧା କି ଶୋଷଣର ଶିକାର ହୁଅନ୍ତେ ନାହିଁ।

-ସୁବୋଧ ମିଶ୍ର, ପୂର୍ବତନ ସଦସ୍ୟ, ରୋଗୀ କଲ୍ୟାଣ ସମିତି

### ପ୍ରକୃତ ଦଲାଲଙ୍କୁ ଧରାଯିବା ଦରକାର



"ଜିଲାରେ ଥିବା ଚିକିତ୍ସାଳୟରେ ରୋଗୀଙ୍କୁ ଉତ୍ତମ ସେବା ମିଳୁନାହିଁ। ରୋଗୀଙ୍କୁ କେହି ସାହାଯ୍ୟ କଲେ ଏଠି ଦଲାଲ୍ ସଜାଇ ଦିଆଯାଉଛି। କିନ୍ତୁ ପ୍ରକୃତ ଦଲାଲ୍‌ମାନଙ୍କୁ ଧରାଯାଉ ନାହିଁ। ଚିକିତ୍ସାରେ ଏପରି ଅବହେଳା ଜାରି ରହିଲେ ବାର ଆସୋସିଏଶନ୍ ପକ୍ଷରୁ ଆନ୍ଦୋଳନ କରାଯିବ।

-ସୋମନାଥ ରାଉତ, ଅନୁଗୋଳ ବାର ଆସୋସିଏଶନ ସାଧାରଣ ସମ୍ପାଦକ

### ଉନ୍ନତ ସେବା ପାଇଁ ଉଦ୍ୟମ ହେଉଛି



"ନର୍ସିଂହୋମ୍‌କୁ କୌଣସି ରୋଗୀଙ୍କୁ ପଠାଯାଉ ନାହିଁ। ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ସର୍ବଦା ଉଦ୍ୟମ କରାଯାଉଛି। ରୋଗୀ ଯେପରି ବିନା ମୂଲ୍ୟରେ ଭଲ ଚିକିତ୍ସା ପାଇବେ ସେଥିପାଇଁ ବାରମ୍ବାର ସମୀକ୍ଷା ବୈଠକ ହେଉଛି। ଅଧିକ ରେଫର ସମ୍ପର୍କିତ ଅଭିଯୋଗର ତର୍ଜମା କରାଯିବ।

-ଡାକ୍ତର ଅଭୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ

## ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

**ବଇଣ୍ଡା,୩।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ଓ ଧଉରାପାଲି ବିଦ୍ୟୁତ୍ ବିଭାଗ ଅଧୀନସ୍ଥ ଧଉରାପାଲି, ହିମିତିରା, ଅଙ୍ଗପଡା, ଧଡରପାଳ, ନାକିଚି, ଠେଲକନାଳି, ଆମ୍ବପାଳ, ଉରୁକୁଳା ଆଦି ପଞ୍ଚାୟତରେ କିଛିଦିନ ହେବ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଫଳରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ଅଞ୍ଚଳକୁ ବାମୁର ଓ ଧଉରାପାଲି ସବ୍ ଷ୍ଟେଶନରୁ ବିଦ୍ୟୁତ୍ ଯାଇଥିବାବେଳେ ଏକ ମାସ ହେବ ବିଦ୍ୟୁତ୍ କାଟ ବଢିବାରେ ଲାଗିଛି। ବିନାକାରଣରେ ଦିନକୁ ୧୫ରୁ ଊର୍ଦ୍ଧ୍ୱ ଥର ଲାଇନ୍ କାଟ ହେଉଥିବାରୁ ଗ୍ରୀଷ୍ମ ପ୍ରବାହ ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ପଞ୍ଚାୟତର ହଜାର ହଜାର ଗ୍ରାହକ ସେବା ନ ପାଇ ଗରମରେ ସନ୍ତୁଳି ହେଉଛନ୍ତି। ଟିପିସିଓଡିଏଲ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନେବା ପରେ ଉନ୍ନତ ସେବା ମିଳିବ ବୋଲି ଉପଭୋକ୍ତାମାନେ ଆଶାବ୍ୟକ୍ତ କରିଥିଲା ବେଳେ ଏବେ ସେମାନଙ୍କୁ ନରାଶ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ବିଲ୍ ଆଦାୟ କରିବାରେ କର୍ମଚାରୀମାନେ ଯେତିକି ତତ୍ପର ହେଉଛନ୍ତି, ସେବା ଯୋଗାଣରେ ସେତିକି ତତ୍ପରତା ପ୍ରକାଶ କରୁ ନ ଥିବା କୁହାଯାଉଛି। ବିଭିନ୍ନ ସ୍ଥାନରେ ତାର ଅତି ତଳକୁ ଓହଳି ରହିଥିଲେ ମଧ୍ୟ ଉପରକୁ ଉଠାଯାଉ ନ ଥିବା ଅଙ୍ଗପଡାବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ମରାମତି ସମୟରେ କେବଳ ବିଦ୍ୟୁତ୍‌କାଟ କରାଯାଉଛି। ତୁରନ୍ତ ସମସ୍ୟା ସମାଧାନ କାରାଯିବ।

## ସଂକ୍ଷେପରେ

### ଏନ୍‌ଟିପିସିରେ ଓଡ଼ିଶା ଦିବସ



**କଣିହାଁ,୩।୪(ଡି.ଏନ୍.ଏ.):** ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସିରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ ସୁଦୀପ ନାଗ୍‌ଙ୍କ ସହ ଅନ୍ୟ ମହାପ୍ରବନ୍ଧକ, ବିଭିନ୍ନ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋଭିଡ୍ କଟକଣା ପାଳନ କରି ଏନ୍‌ଟିପିସି ପ୍ରଶାସନିକ ଭବନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ୪୦୫ ବୟୋଜ୍ୟେଷ୍ଠଙ୍କୁ ଟିକା



**ବଇଣ୍ଡା,୩।୪(ଡି.ଏନ.ଏ.):** କିଶୋରନଗର ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ କରୋନା ଟିକା ଦିଆଯାଇଛି। ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩୦, ଅଙ୍ଗପଡ଼ାରେ ୧୮୦, କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ୯୫ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଏଥିରେ ଡକ୍ଟର ସରୋଜ କୁମାର ନନ୍ଦ, ଡକ୍ଟର ବିନୋଦିନୀ ଗଡ଼ନାୟକ, ଡାକ୍ତର ପ୍ରିୟବ୍ରତ ଦାସ, ପ୍ରତିମା ସାହୁ, ସୁମନ ମାଝି ପ୍ରମୁଖ ଟିକାକରଣ କରିଥିଲେ।

### ଜମିଜମା ନେଇ ଗଣ୍ଡଗୋଳ

**ବଇଣ୍ଡା,୩।୪(ଡି.ଏନ.ଏ.):** ହଣ୍ଡପା ଥାନା ଗତିକୃଷ୍ଣପୁର ଗ୍ରାମରେ ଶୁକ୍ରବାର ଜମିବାଡି ସମସ୍ୟାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ପୋଲିସ କହିଛି, ବୀରବାର ବାଘଙ୍କୁ ତାଙ୍କ ପୁତୁରା ପ୍ରମୋଦ ବାଘ ବାଡିରେ ପିଟିଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୮୫/୨୧ରେ ଏକ ମାମଲା ରୁଜୁ କରିଛି। ସେହିପରି ପ୍ରମୋଦଙ୍କ ମା' କାଞ୍ଚନ ବାଘ ବୀରଙ୍କ ପୁଅ ଦିବାକର ମାଡ଼ ମରିଥିବା ଅଭିଯୋଗ କରିଛନ୍ତି। ପୋଲିସ ନଂ. ୮୬/୨୧ରେ ଏକ ମାମଲା ରୁଜୁ କରିଛି।

### ୫ ସ୍ଥାନରେ ଦଣ୍ଡ ଉଠିଲା



**ଆଠମଲ୍ଲିକ,୩।୪(ଡି.ଏନ.ଏ.):** ପରମ୍ପରା ଅନୁଯାୟୀ ଶୁକ୍ରବାର ମଧରାତ୍ରରେ ଆଠମଲ୍ଲିକ ଏନ୍‌ଏସି ସମେତ ବ୍ଲକର ଗଡୁଆ ଦଣ୍ଡ, ହରିଡ଼ାକୋଠା, ଲିପିଲୋଇ, ଘୋଡାଗାଡି, ନୂଆଗାଁ ଆଦି ସ୍ଥାନରେ ଦଣ୍ଡ ଉଠିଛି। ପ୍ରଶାସନ ଦଣ୍ଡ ନାଟ ଉପରେ କଟକଣା ଲଗାଇଥିବାରୁ ଦଣ୍ଡ ଦଳମାନେ କେବଳ ମାନସିକ କରିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ବନ୍ଦାଣ ଘେନି ଆସିବେ। ଦଣ୍ଡ ଦଳ ମନ୍ଦିର, କୋଠ ଘରେ ରହୁଥିବାବେଳେ ସକାଳେ ଓ ସନ୍ଧ୍ୟାରେ ପୂଜା ହେଉଛି। ଭକ୍ତମାନେ କୋଭିଡ୍ ନିୟମ ମାନି ଦର୍ଶନ କରିବାର ବ୍ୟବସ୍ଥା ହୋଇଛି।

### ମଦ ଜବତ, ଜଣେ ଗିରଫ

**ବଇଣ୍ଡା,୩।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ ନିକଟରେ ଶୁକ୍ରବାର ରାତିରେ ହଣ୍ଡପା ଓ ବଇଣ୍ଡା ପୋଲିସ ଚଢାଉ କରି ୧୫ ଲିଟର ଚୋରା ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ବାଲିପଟା ଅଞ୍ଚଳର ପ୍ରତାପ ଗଡନାୟକଙ୍କୁ ଗିରଫ କରାଯାଇଛି। ପ୍ରତାପ ଏକ ବାଇକ ଯୋଗେ ଛେଣ୍ଡିପଦା ଅଞ୍ଚଳକୁ ଚୋରା ବିଦେଶୀ ମଦ ଚାଲାଣ କରୁଥିବା ଖବରପାଇ ହଣ୍ଡପା ଆଇଆଇସି ଲବ ବୋଡା, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ଚଢାଉ କରିଥିଲେ।

### ଜଳିଗଲା ୪ ବଖରା



**କଣିହାଁ,୩।୪(ଡି.ଏନ.ଏ.):** କଣିହାଁ ବ୍ଲକ ପରାବିଲ ପଞ୍ଚାୟତ ଗୌଣିଘସା ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ୩ ଭାଇ ଭଗବାନ ସାହୁ, ଦିଲେଶ୍ୱର ସାହୁ, ସୁରେଶ ସାହୁଙ୍କ ୪ ବଖରା ଜଳିଯାଇଛି। ଏକ ପାଳଗଦା ସହ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ୭ରେ ଉପଜିଲାପାଳ ଅଫିସ ଘେରାଉ

**ବଇଣ୍ଡା,୩।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବିଲେଇନାଳି ପଞ୍ଚାୟତରେ ଧଉରାଗୋଠ ଜଳପ୍ରକଳ୍ପ ନିର୍ମାଣ ହେଉନାହିଁ। ଫଳରେ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହାର ପ୍ରତିବାଦରେ ଆସନ୍ତା ୭ ତାରିଖରେ ଆଠମଲ୍ଲିକ ଉପଜିଲାପାଳ ଅଫିସ ଘେରାଉ କରାଯିବ ବୋଲି ଧଉରାଗୋଠ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଶନିବାର କମିଟି ପକ୍ଷରୁ ଦାମଦରପୁର ଗ୍ରାମ ଆମ୍ବତୋଟା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ନିର୍ମଳ ନାୟକଙ୍କ ସଭାପତିତ୍ୱରେ ସାରଙ୍ଗଧର ପ୍ରଧାନ, ଗୌରଚନ୍ଦ୍ର ପାତ୍ର, ଯୁଧିଷ୍ଠିର ମାଝି, ମାଧବ ନନ୍ଦ ନାୟକ, ଦୀପକ ସାହୁ, ହରମୋହନ ଧଳ, ତୀର୍ଥବାସୀ ଭୋଇ, ସୁଗ୍ରୀବର ନାୟକ, ପ୍ରଦୀପ ନାୟକଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସରକାର ୫୦ ବର୍ଷ ପୂର୍ବରୁ ଚିନ୍ତା କରିଥିଲେ ମଧ୍ୟ ନିର୍ମାଣ କରାଯାଇ ପାରୁନାହିଁ। ଏହି ପ୍ରକଳ୍ପ ନିର୍ମାଣ ହେଲେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ୨୨ଟି ଗ୍ରାମର ଚାଷୀ ଉପକୃତ ହେବେ। କିନ୍ତୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଏହାର ପ୍ରତିବାଦରେ ଉପଜିଲାପାଳ ଅଫିସ ଘେରାଉ କରାଯିବ।



ବୈଠକରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ।

## ଜିଲାପରିଷଦ ଉପନିର୍ବାଚନ ପାଇଁ ତତ୍ପରତା

**ଛେଣ୍ଡିପଦା,୩।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ୧୭ନଂ ଜୋନ ଜିଲାପରିଷଦ ଆସନ ପାଇଁ ଚଳିତ ମାସ ୨୮ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଆସନ୍ତା ୫ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରହିଛି। ସେହିପରି ୬ରେ ପ୍ରାର୍ଥିପତ୍ର ଯାଞ୍ଚ, ୭ରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ଏବଂ ୯ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସହ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସକାଳ ୭ ଟାରୁ ୧୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଓ ୨୯ରେ ଗଣତି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସେହିପରି ଟେଣ୍ଟୁଲୋଇ କେଡାସାହି ପଞ୍ଚାୟତର ୪ ନଂ. ୱାର୍ଡ, ଓଗୀ ପଞ୍ଚାୟତ ୬ନଂ. ୱାର୍ଡ, ବସନ୍ତପୁର ପଞ୍ଚାୟତର ୧ ନଂ. ୱାର୍ଡ ଓ ବାଗେଡିଆ ପଞ୍ଚାୟତର ୬ନଂ ୱାର୍ଡର ସଭ୍ୟପଦ ପାଇଁ ନିର୍ବାଚନ ହେବ। ତାରିଖ ଘୋଷଣା ପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ପରିଷଦ ନିର୍ବାଚନ ପାଇଁ ନାରାୟଣ ସାହୁ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବାବେଳେ ଅଜିତ ପ୍ରଧାନଙ୍କୁ ଭାଜପା ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ଅଭିରାମ ସାହୁଙ୍କୁ ପ୍ରାର୍ଥୀ କରିଛି।

## ଉଚ୍ଛେଦ ହେଲେ ଯାଯାବର ପରିବାର




ଯାଯାବରମାନଙ୍କୁ ଉଚ୍ଛେଦ କରିବାକୁ ପୋଲିସ ସହ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଛନ୍ତି।

**ଅନୁଗୋଳ ଅଫିସ, ୩।୪**

ଅନୁଗୋଳ ସହର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ରହିବା ସହ ଆଧିପତ୍ୟ ବିସ୍ତାର କରୁଥିବା କେତେକ ଯାଯାବର ପରିବାରକୁ ଶନିବାର ଉଚ୍ଛେଦ କରାଯାଇଛି। ସହର ସୌନ୍ଦର୍ଯ୍ୟକରଣ ପାଇଁ ପୌରପାଳିକା ପକ୍ଷରୁ ରାସ୍ତା ପାର୍ଶ୍ୱରୁ ଜବରଦଖଲ ହଟାଯାଇ ସେଠାରେ ବାଡ଼ ଦିଆଯାଇଥିଲା। କିନ୍ତୁ ଏପରି ଯାଯାବର ଲୋକେ ଉକ୍ତ ଜାଗାକୁ ଜବରଦଖଲ କରିବା ସହ ବାଡ଼ ଭାଙ୍ଗି ଜାଳିଦେଉଥିବା ଅଭିଯୋଗ ହେଉଥିଲା। ଏପରି କି ସେମାନେ ସହରର ସ୍ୱଚ୍ଛତାକୁ ନଷ୍ଟ କରୁଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହୋଇଆସୁଥିଲା। ଏଥିସହ ରାସ୍ତା ପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ସେମାନେ ଶୋଉଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିଲା। ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଯାଯାବର ପରିବାରମାନଙ୍କୁ ଉଚ୍ଛେଦ କରାଯାଇଛି। କେତୋଟି ପରିବାରକୁ ସହର ଉପକଣ୍ଠରୁ ଦୂରରେ ଛଡ଼ାଯାଇଥିବାବେଳେ ଆଉ କେତେକ ପରିବାରକୁ ରବିବାର ସକାଳେ ଅନ୍ୟତ୍ର ଛଡ଼ାଯିବାର ବ୍ୟବସ୍ଥା ପୌରପାଳିକା ପକ୍ଷରୁ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ବାସୁଦେବ ଶତପଥୀ ତୁରନ୍ତ ଉଚ୍ଛେଦ ପାଇଁ ବ୍ୟବସ୍ଥା କରିଥିଲେ। ଅନୁଗୋଳ ପୌରପାଳିକା, ତହସିଲ କାର୍ଯ୍ୟାଳୟ ଓ ପୋଲିସର ମିଳିତ ଉଦ୍ୟମରେ ଏହି କାର୍ଯ୍ୟ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ରାସ୍ତା ପାର୍ଶ୍ୱରେ ସେମାନେ ଆଧିପତ୍ୟ ବିସ୍ତାର କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ସହରରୁ ବାହାର କରାଯାଇଛି। ଅତିରିକ୍ତ ତହସିଲଦାର ଦୁର୍ଯ୍ୟୋଧନ ସାହୁ ଓ ପୋଲିସ ସହଯୋଗ କରିଥିଲେ।

## ଜଙ୍ଗଲରେ ନିଆଁ ଲଗାଇ ଶିକାରୀ ଗିରଫ

**ମାଧପୁର,୩।୪**

ଅନୁଗୋଳ ଜିଲା ମାଧପୁର ରେଞ୍ଜ ନୂଆଗାଁ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ଜନ୍ତୁ ଶିକାର କରିବାକୁ ଅପେକ୍ଷା କରିଥିବା ଅଭିଯୋଗରେ ଡିଗିପଦର ଗ୍ରାମର ତ୍ରିନାଥ ବିଶ୍ୱାଳଙ୍କୁ ଶନିବାର ମାଧପୁର ରେଞ୍ଜ ତରଫରୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ତ୍ରିନାଥଙ୍କ ସହ ତିତିରିକଟାର ସୁଶାନ୍ତ ପ୍ରଧାନ ଏବଂ ଠାକୁରଗଡ଼ ଥାନା ଗିରିଦା ଗ୍ରାମର ସହଦେବ ନାୟକ ଜଙ୍ଗଲରେ ନିଆଁ ଲଗେଇ ଜନ୍ତୁ ଶିକାର ପାଇଁ ଜଗି ବସିଥିବା ଖବରପାଇ ମାଧପୁର ରେଞ୍ଜର ସନ୍ତୋଷ ଭୋଇଙ୍କ ନିର୍ଦ୍ଦେଶରେ ଫରେଷ୍ଟର ବାବୁଲି ପଧାନ, ଲିଙ୍ଗରାଜ ବେହେରା, ଗାର୍ଡ ଦିପ୍ତୀମୟୀ ଦନ୍ତା, ପି. ପ୍ରୀତିଶ କୁମାର ଏବଂ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ତ୍ରିନାଥ ଏବଂ ସହଦେବଙ୍କୁ ମାଧପୁର ରେଞ୍ଜ କାର୍ଯ୍ୟାଳୟ ଅଣାଯାଇଥିଲା। ସୁଶାନ୍ତ ଫେରାର ହୋଇଯାଇଥିଲେ। ତେବେ ପରିସ୍ରା ଯିବା ବାହାନାରେ ସହଦେବ ମଧ୍ୟ ରେଞ୍ଜ କାର୍ଯ୍ୟାଳୟରୁ ଫେରାର ହୋଇଯାଇଥିଲେ। ତ୍ରିନାଥଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।



ଗିରଫ ଶିକାରୀଙ୍କୁ କୋର୍ଟଚାଲାଣ କରାଯାଉଛି।

# ବଢୁଛି ଚୋରା ମଦ କାରବାର

### ଅବକାରୀ ବିଭାଗର ନୀରବତା ନେଇ ଅସନ୍ତୋଷ

**ଖମାର,୩।୪**

ପାଲଲହଡ଼ା ବ୍ଲକ ଖମାର ଥାନା ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଜେନାପଡା, କଣ୍ଟିଆପସି, ଇଞ୍ଜିଡ଼ରେ ୩ଟି ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଥିଲେ ମଧ୍ୟ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ଯାଏ ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଛି। ବିଶେଷକରି କେତେକ ହୋଟେଲ, ଢାବାରେ ଏହି କାରବାର ବହୁଳ ଭାବେ କରାଯାଉଥିବା ଅଭିଯୋଗ ହେଉଛି। ତଥାପି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଖମାର ବଜାର ଦେଇ ୧୪୯ନଂ. ଜାତୀୟ ରାଜପଥ ଯାଇଛି। ଏହା ପାର୍ଶ୍ୱରେ ଥିବା ଖମାର, ନିମିରିବଡା, ଭାଲିକ, କଣ୍ଟିଆପସି, ଡେରାଗୋଲା, ବନର ଆଦି ଗାଁ ନିକଟରେ ବହୁ ହୋଟେଲ, ଢାବା, ପାନ ଓ ଜଳଖିଆ ଦୋକାନ ଗଢ଼ି ଉଠିଛି। ସେଥିରୁ କେତୋଟି ଦୋକାନ, ଢାବାରେ ଦୀର୍ଘଦିନ ହେଲା ଚୋରା ମଦ କାରବାର ହେଉଥିଲେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ବହୁ ଦୋକାନୀ ଏପରି ଅସାଧୁ ବ୍ୟବସାୟ କରି ବେଶ୍ ଲାଭ କମାଉଛନ୍ତି। ଅପରପକ୍ଷରେ ଶସ୍ତାରେ ଚୋରା ଓ ଭେଜାଲ ମଦ ମିଳିଯାଉଥିବାରୁ ମଦ୍ୟପଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିଯୋଗୁ ଅପରାଧ ସହ ରାଜପଥରେ ଦୁର୍ଘଟଣା ବୃଦ୍ଧି ପାଉଛି। ଜାତୀୟ ରାଜପଥ ପାର୍ଶ୍ୱରେ ମଦ ବିକ୍ରି ଉପରେ ସୁପ୍ରିମକୋର୍ଟ କଟକଣା ଜାରି କରିଥିଲେ ମଧ୍ୟ ଚୋରା କାରବାରରେ ଲଗାମ ଲଗାଯାଇ ପାରୁନାହିଁ। ବହୁ ଗାଡ଼ି ଚାଳକ ଓ ଅସାମାଜିକ ବ୍ୟକ୍ତିମାନେ ଚୋରା ମଦ ମିଳୁଥିବା ଢାବା ଓ ହୋଟେଲରେ ନିୟମିତ ମଦ୍ୟପାନ କରୁଛନ୍ତି। ତୁରନ୍ତ ଜିଲା ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି



ଅବକାରୀ ବିଭାଗର ନିୟନ୍ତ୍ରଣ ରହୁ ନ ଥିବାରୁ ଚୋରା ମଦ କାରବାର ବଢ଼ୁଛି। ଏସବୁ ମଦ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ଅଣାଯାଇ ତାହାକୁ ଭେଜାଲ କରି ଶସ୍ତାରେ ବିକ୍ରି କରାଯାଉଛି। ଏ ନେଇ ବିଭାଗ ନିକଟରେ ଖବର ଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

-ରମାକାନ୍ତ ତ୍ରିପାଠୀ, ଖମାର

### ରୋକ୍ ନ ଲାଗିଲେ ଆନ୍ଦୋଳନ



ଆଇନ ଆଖିରେ ଧୂଳି ଦେଇ ହେଉ ଅବା ବିଭାଗୀୟ ତଳିଆ କର୍ମଚାରୀଙ୍କୁ ହାତ କରି, ଅସାଧୁ ବ୍ୟବସାୟୀମାନେ ଦୀର୍ଘଦିନ ହେଲା ଏହି କାରବାର କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅବକାରୀ ବିଭାଗ ନୀରବ ରହିଛି। ଯଥାଶୀଘ୍ର ରୋକ୍ ଲଗା ନ ଗଲେ ଆନ୍ଦୋଳନ ହେବ।

-ମୀନା ପ୍ରଧାନ, ସିପିଆଇଏମ୍ ନେତ୍ରୀ,ଖମାର

### ବେଆଇନ କାରବାର ରୋକାଯିବ



ଦେଶୀ ହେଉ କି ବିଦେଶୀ ମଦ, ଢାବା, ହୋଟେଲରେ ବିକ୍ରି ହେଉଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ବିଭାଗ ସଜାଗ ରହିଛି। ବାରମ୍ବାର ଚଢ଼ାଉ କରାଯାଇ ଏପରି ବେଆଇନ କାରବାର କରୁଥିବା ବ୍ୟବସାୟୀମାନଙ୍କୁ ଗିରଫ କରାଯାଇ ଜେଲ ପଠାଯିବ।

-ସୁମତି ତ୍ରିପାଠୀ, ଅବକାରୀ ଇନ୍ସପେକ୍ଟର, ତାଳଚେର ରେଞ୍ଜ

## ସଂକ୍ଷେପରେ

### ଗଡ଼ିଲା ଶ୍ରୀ ଚନ୍ଦ୍ରଶେଖରଙ୍କ ଦାନ ସଂଗ୍ରହ ରଥ



**ପରଜଙ୍ଗ, ୩।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବକ୍ଷେତ୍ର କପିଳାସ ପୀଠର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କ ସୁବର୍ଣ୍ଣ ନାଗାଭରଣ ବେଶ ପାଇଁ ଆରମ୍ଭ ହୋଇଛି ପାଣ୍ଠି ସଂଗ୍ରହ ଅଭିଯାନ। ଏହିକ୍ରମରେ ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରୁ ଦାନ ଗ୍ରହଣ ଲାଗି ଗଡ଼ିଛି ପ୍ରଚାର ରଥ। ଜିଲାପାଳ ତଥା ଟ୍ରଷ୍ଟ ସଭାପତି ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ଏହି ରଥ ବ୍ଲକ ପରିକ୍ରମା କରୁଛି। ଲୋକମାନଙ୍କୁ ଯଥାସାଧ୍ୟ ସହାୟତା କରିବା ଲାଗି ନିବେଦନ କରାଯାଉଛି। ଦାତାମାନେ ଜିଲାପାଳ, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ଥାପିତ ହୁଣ୍ଡି ମାଧ୍ୟମରେ ସିଧାସଳଖ ଦାନ କରିପାରିବେ। ଦାନସୂତ୍ରରେ ଦେଇଥିବା ସ୍ୱର୍ଣ୍ଣ ଅଳଙ୍କାର, ଆର୍ଥିକ ରାଶିର ରସିଦ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବ୍ରାହ୍ମଣୀରୁ ଗଳିତ ମୃତଦେହ ଜବତ

**ପରଜଙ୍ଗ, ୩।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବସୁଲେଇ ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ଶନିବାର ଏକ ଗଳିତ ମୃତଦେହ ଜବତ କରାଯାଇଛି। ଗ୍ରାମର କେତେଜଣ ବ୍ୟକ୍ତି ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିବାବେଳେ ନଦୀ ମଝିରେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ମରଶରୀର ପଚିଯାଇଥିବାରୁ ପ୍ରବଳ ଦୁର୍ଗନ୍ଧ ହେଉଥିଲା। ଏ ସଂକ୍ରାନ୍ତରେ ସେମାନେ ସ୍ଥାନୀୟ ଥାନାକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ।

### ପ୍ରଥମ ସେମିରେ ସରାଙ୍ଗ, ପାଟରପଦା ବିଜୟୀ

**ପରଜଙ୍ଗ, ୩।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ମିନି ଷ୍ଟାଡିୟମରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଆୟୋଜିତ ପ୍ରଥମ ଦିବାରାତ୍ର ସେମିଫାଇନାଲ ମ୍ୟାଚ୍‌ରେ ସରାଙ୍ଗ, ପାଟରପଦା ଦଳ ବିଜୟୀ ହୋଇଛନ୍ତି। ସରାଙ୍ଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୮୫ ରନ୍ କରିଥିଲା। ଜବାବରେ କନ୍ତିଓପୁଟସାହି ୧୧ ଓଭରରେ ୭୪ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ପାଟରପଦା ୩ ଉଇକେଟ ବିନିମୟରେ ୧୧୧ ରନ୍ କରିଥିଲା। ଜବାବରେ ଗଡ଼ପଳାଶୁଣୀ ୮୬ ରନ୍ କରି ପରାସ୍ତ ହୋଇଥିଲା। ରାଧାକାନ୍ତ ତ୍ରିପାଠୀ, ବବୁଲୁ ସାହୁ ମ୍ୟାଚ୍ ପରିଚାଳନା କରିଥିବାବେଳେ ସିଦ୍ଧାର୍ଥ ରାଉତ ସ୍କୋରର ରହିଥିଲେ। ମ୍ୟାଚ୍ ଦେଖିବାକୁ ବହୁ କ୍ରୀଡ଼ାପ୍ରେମୀଙ୍କ ସମାଗମ ହୋଇଥିଲା।

### ଜିଲାରେ ୨୨ ସକ୍ରିୟ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ, ୩।୪:** ଢେଙ୍କାନାଳ ଜିଲାରୁ ଶନିବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣେ ଆରୋଗ୍ୟ ଲାଭ ହୋଇଛନ୍ତି। ଆକ୍ରାନ୍ତ ଜଣକ ଓଡ଼ାପଡ଼ା ବ୍ଲକ ଅଞ୍ଚଳର। ତାଙ୍କୁ ସଙ୍ଗରୋଧରେ ରଖାଯାଇଛି। ଏହାପରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫,୭୪୫ରେ ପହଞ୍ଚିଥିବାବେଳେ ଚିକିତ୍ସା ପରେ ୫,୬୯୪ ଜଣ ସୁସ୍ଥ ହୋଇସାରିଲେଣି। ୨୯ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏବେ ଜିଲାରେ ୨୨ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦିବ୍ୟାଙ୍ଗଙ୍କ ଘର ଜାଳିଦେଲେ



**ବଣ୍ଟଁରପାଳ, ୩।୪(ଡି.ଏନ.ଏ.):** ଅନୁଗୋଳ ସଦର ଥାନା ବେନ୍ତପୁର ଗ୍ରାମର ଦିବ୍ୟାଙ୍ଗ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ଘରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ବଖରା ଘର ସହ ବାଡ଼ିରେ ଲାଗିଥିବା ଗଛଲତା ପୋଡ଼ିଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଉଦ୍ଦେଶ୍ୟମୂଳକ ଭାବେ ଜଣେ ପଡ଼ୋଶୀ ନିଆଁ ଲଗାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସକ୍ରିୟ ହେଲେଣି ଶିକାରୀ

**ଢେଙ୍କାନାଳ ଅଫିସ, ୩।୪**



ଗିରଫ ଶିକାରୀଙ୍କ ସହିତ ଜବତ ସାମଗ୍ରୀ।

- କପିଳାସ ଅଭୟାରଣ୍ୟରେ ବିପଦରେ ବନ୍ୟପ୍ରାଣୀ
- ୪ ଜଣଙ୍କୁ ମାଡ଼ିବସିଲେ ବନ ବିଭାଗ କର୍ମଚାରୀ
- ୨ ଦେଶୀ ବନ୍ଧୁକ, ୨୦ ଗୁଳି, ଶୁଖିଲା ମାଂସ ଜବତ
- ବର୍ଷକ ଭିତରେ ଧରାପଡ଼ିଲେଣି ୬୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ

ତମାମ ଯୋଜନା, ଆବଶ୍ୟକ ପଦକ୍ଷେପ ସତ୍ତ୍ୱେ ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟ ଶିକାରୀ ମୁକ୍ତ ହୋଇପାରୁନାହିଁ। ଜୀବଜନ୍ତୁଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ପରିଚିତ ଏହି ସଂରକ୍ଷିତ ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ବନ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଅଭୟାରଣ୍ୟରେ ଚଢ଼ାଉ କରି ବନ କର୍ମଚାରୀମାନେ ୪ ଶିକାରୀଙ୍କୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ ଗଁଦିଆ ଥାନା ବଣିଆ ଗ୍ରାମର ରାଜକିଶୋର ବାଲମୁଛ (୨୮), ବସନ୍ତ ଦେହୁରୀ (୬୦), ବୁଦୁରାମ ହେମ୍ବ୍ରମ୍ (୩୫) ଏବଂ ରେଙ୍ଗା ଟିଗ୍ଗୁ (୫୦)। ସେମାନଙ୍କ ନିକଟରୁ ୨ ଦେଶୀ ବନ୍ଧୁକ, ୨୦ ଅଫୁଟା ଗୁଳି, ୧ କେଜି ୭୦୦ ଗ୍ରାମ ମାଂସ, ଗୋଟିଏ ସାଇକେଲ ଏବଂ ୩ ସ୍ୱଟ୍ ଲାଇଟ୍ ଜବତ କରାଯାଇଛି। ଜବତ ଶୁଖିଲା ମାଂସ ବାରହା ଏବଂ ହରିଣର ବୋଲି ଅନୁମାନ କରାଯାଉଛି। ଏହାକୁ ପରୀକ୍ଷା ପାଇଁ ଭୁବନେଶ୍ୱର ଓୟୁଏଟିକୁ ପଠାଯାଇଛି।

ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ସମ୍ପୃକ୍ତ ଶିକାରୀ ଅଭୟାରଣ୍ୟରେ ନିଆଁ ଲଗାଇ ଦେଇଥିଲେ। ଗୋଇନ୍ଦା ସୂଚନା ମିଳିବା ପରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନିଙ୍କ ନିର୍ଦ୍ଦେଶରେ କପିଳାସ ରେଞ୍ଜର ଗୌତମ ପ୍ରଧାନ ସଦଳବଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

କପିଳାସ ଅଭୟାରଣ୍ୟ ଶିକାରୀଙ୍କ ଭୂସ୍ୱର୍ଗ ପାଲଟିଛି। ମାଂସ ଏବଂ ଅଙ୍ଗପ୍ରତ୍ୟଙ୍ଗ ଚାଲାଣ ପାଇଁ ଏଠାରେ ବ୍ୟାପକ ଶିକାର କରାଯାଉଛି। ଫଳରେ ଅନେକ ବିଲୁପ୍ତପ୍ରାୟ ଜୀବ ପ୍ରଜାତି ସଙ୍କଟରେ ପଡ଼ିଛନ୍ତି। ଅଭୟାରଣ୍ୟ ପରିସରରେ ଅବାଧ ଶିକାର ରୋକିବା ଲାଗି ବନ ବିଭାଗ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଥିବାବେଳେ ଘନ ଘନ ଚଢ଼ାଉ ଜାରି ରହିଛି। ବର୍ଷକ ମଧ୍ୟରେ କେବଳ କପିଳାସ ଅଭୟାରଣ୍ୟ ଇଲାକାରୁ ୬୦ରୁ ଊର୍ଦ୍ଧ୍ୱ ଶିକାରୀ ଧରାପଡ଼ିଲେଣି। କିଛିଦିନ ହେଲା ଶିକାରୀଙ୍କ ଉପଦ୍ରବ ସାମାନ୍ୟ କମିଥିଲା। ତେବେ ପୁଣିଥରେ ଶିକାରୀ ସକ୍ରିୟ ହୋଇଉଠିବା ବନ ବିଭାଗ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଅପରପକ୍ଷ ଉକ୍ତ ଅଞ୍ଚଳକୁ ଶିକାରୀ ମୁକ୍ତ କରିବା ଲାଗି କପିଳାସ ପ୍ରାଣୀ ଉଦ୍ୟାନର ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର ପରିସରରେ ଥିବା ଦୁଇ ହାତୀ କାର୍ତ୍ତିକ ଓ ଚନ୍ଦୁକୁ ଆସାମରୁ ଆସିଥିବା ମାହୁନ୍ତଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଛି। ଏହି ଦୁଇ ହାତୀ ତାଲିମ ନେବା ପରେ ଜଙ୍ଗଲରେ ଶିକାରୀଙ୍କୁ ଜଗିବେ। ସେହିପରି ନିଆଁ ଦାଉରୁ ଅଭୟାରଣ୍ୟକୁ ସୁରକ୍ଷିତ ରଖିବା ପାଇଁ ଥର୍ମୋସେନ୍ସର ବିଶିଷ୍ଟ ଅତ୍ୟାଧୁନିକ ଡ୍ରୋନ୍ କ୍ୟାମେରା ବ୍ୟବହାର କରାଯାଉଛି। ତେବେ ସ୍ଥାନୀୟ ଅଞ୍ଚଳର ଶିକାରୀ ଗୋଷ୍ଠୀ ବନ ବିଭାଗକୁ ଚକ୍‌ମା ଦେବାରେ ସକ୍ଷମ ହେଉଛନ୍ତି। ଅତ୍ୟାଧୁନିକ କୌଶଳ, କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇ ଶିକାରୀଙ୍କୁ ଦମନ କରାଗଲେ ଜିଲାର ସଂରକ୍ଷିତ ଜଙ୍ଗଲ ଏବଂ କପିଳାସ ଅଭୟାରଣ୍ୟର ବନ୍ୟପ୍ରାଣୀ ସୁରକ୍ଷିତ ଭାବେ ବିଚରଣ କରିପାରିବେ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

## ମହିମା ଜ୍ୟୋତିଯାତ୍ରା ଆରମ୍ଭ



ମହିମା ଜ୍ୟୋତିଯାତ୍ରା ନଗର ପରିକ୍ରମା କରୁଛି।

**ଢେଙ୍କାନାଳ ଅଫିସ, ୩।୪**

ଢେଙ୍କାନାଳ ଜିଲା ମହିମା ଧର୍ମପୀଠ ଯୋରନ୍ଦାରୁ ଅଷ୍ଟମ ବାର୍ଷିକ ମହିମା ଜ୍ୟୋତିଯାତ୍ରା ପରିକ୍ରମା ଶନିବାର ଶୁଭାରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟାରେ ବ୍ରହ୍ମଜ୍ୟୋତି ଓଡ଼ାପଡ଼ା ବ୍ଲକ ଗୁଣ୍ଡୁଦେଇ ପଞ୍ଚାୟତର ମହାଦିଆ ଗ୍ରାମରେ ପହଞ୍ଚିଥିଲା। ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ ଶୋଭାଯାତ୍ରାରେ ଜ୍ୟୋତିକୁ ପାଛୋଟି ନେଇଥିଲେ। ଗ୍ରାମ ନିକଟରେ ଥିବା ମହିମା ସ୍ୱାମୀଙ୍କ ସ୍ମାରକୀ ସ୍ୱରୂପ ବିଶାଳ ଶଳାଖଣ୍ଡକୁ ପରିକ୍ରମା କରାଯାଇଥିଲା। ଜ୍ୟୋତିଯାତ୍ରା ଗ୍ରାମ ପରିକ୍ରମା କରି ବ୍ରାହ୍ମଣୀ ନଦୀକୂଳରେ ଥିବା ମହିମା ଟୁଙ୍ଗିରେ ପହଞ୍ଚିଥିଲା। ଏହାପରେ ବ୍ରହ୍ମଜ୍ୟୋତି ବଦାଲୁ ପଞ୍ଚାୟତ ଶ୍ରୀଡିହି ଗ୍ରାମରେ ଥିବା ମହିମା ଟୁଙ୍ଗିରେ ଅବସ୍ଥାନ କରିଥିଲା। ମୋଟଙ୍ଗା ପଞ୍ଚାୟତ ରଞ୍ଜାସିଂହା ଗ୍ରାମ ପରିକ୍ରମା କରି ସେଠାକାର ମହିମା ଟୁଙ୍ଗିରେ ଅବସ୍ଥାନ କରିଥିଲା। ରବିବାର ବ୍ରହ୍ମଜ୍ୟୋତି ହିନ୍ଦୋଳ ବ୍ଲକର ବିଭିନ୍ନ ସ୍ଥାନ ପରିକ୍ରମା କରିବ।

ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଆବାହକ ପ୍ରଶାନ୍ତ ମହାପାତ୍ର, ଯୁଗ୍ମ ଆବାହକ ବିଜ୍ଞାନୀ ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏଥିରେ ମହାଦିଆ ଗ୍ରାମର ରମେଶ ଲେଙ୍କା, ଜ୍ୟୋତିର୍ମୟୀ ଲେଙ୍କା, ଓଡ଼ାପଡ଼ା ଗ୍ରାମର ଜମ୍ମେଶ୍ୱର ନାୟକ, ମେଘନାଦ ମହାନ୍ତି, ସନ୍ତୋଷ କୁମାର ବେହେରା, ଶ୍ରୀଡିହି ଗ୍ରାମର ଶ୍ରୀକାନ୍ତ ଭୋଇ, ଚକ୍ରଧର ସାହୁ, ରଞ୍ଜାସିଂହା ଗ୍ରାମର ନିଧି ବିଶ୍ୱାଳ, ଜଳଧର ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ, ବିକଳ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଶପଥ ନେଲେ ନାଲ୍‌କୋ ଅଫିସର୍ସ କ୍ଲବ କର୍ମକର୍ତ୍ତା



ନାଲ୍‌କୋ ଅଫିସର୍ସ କ୍ଲବର କାର୍ଯ୍ୟକର୍ତ୍ତାମାନେ।

**ବଣ୍ଟଁରପାଳ, ୩।୪(ଡି.ଏନ.ଏ.)**

ନାଲ୍‌କୋ ଅଫିସର୍ସ କ୍ଲବର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ପୂର୍ବତନ ସମ୍ପାଦକ ସୁଜିତ୍ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଲ୍‌କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା, ସମ୍ମାନିତ ଅତିଥି ମାନବ ସମ୍ବଳ ବିଭାଗ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ ଯୋଗଦେଇଥିଲେ। ଚଳିତ ନିର୍ବାଚନରେ ବିଜୟୀ ହୋଇଥିବା ସାଧାରଣ ସମ୍ପାଦକ ପ୍ରଭାତ କୁମାର ପାଢୀ, ଯୁଗ୍ମ ସମ୍ପାଦକ ବି.ଆର୍. ପଟ୍ଟନାୟକ, କୋଷାଧ୍ୟକ୍ଷ ଆର୍. ଗୁପ୍ତା, ସାଂସ୍କୃତିକ ସମ୍ପାଦକ ଯୋଗେଶ ଭଞ୍ଜ, କାର୍ଯ୍ୟାଳୟ ସମ୍ପାଦକ ଦିବ୍ୟଜ୍ୟୋତି ମହାଳିକ ପ୍ରମୁଖଙ୍କୁ ଇଡି ଅମ୍ବିକା ପ୍ରସାଦ ପଣ୍ଡା ଶପଥପାଠ କରାଇଥିଲେ। ନାଲ୍‌କୋ ଅଫିସର ଆସୋସିଏଶନ ଉପସଭାପତି ବନମାଳୀ ସେଠୀ, କେ.କେ. ବେହେରା, ଗୌତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଘର, ବଗିଚା ପୋଡ଼ି

**ବଇଣ୍ଡା,୩।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଗେଧିଲିମୁଣ୍ଡା ଗ୍ରାମର ଗୁଲୁ କୁଦେଇଙ୍କ ୨ ବଖରା ଘର ସମେତ ରବି ବେହେରା, ପପୁନ ପ୍ରଧାନ, ଅକ୍ଷୟ ସାହୁ, ଟୁନା କୁଦେଇ, ଅରକ୍ଷିତ ସାହୁଙ୍କ ୩୫୦ ଆମ୍ବ ଏବଂ ୨୦୦ କାଜୁ ଗଛକୁ ଉଦ୍ଦେଶ୍ୟମୂଳକ ଜାଳି ଦିଆଯାଇଥିବା ଅଭିଯୋଗ ହୋଇଛି। ଗ୍ରାମର ସମ୍ବାରୁ ସ୍ୱାଇଁ ଏଭଳି କାଣ୍ଡ ଭିଆଇଥିବା କ୍ଷତିଗ୍ରସ୍ତ ରବି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୮୪/୨୧ରେ ଏକ ମାମଲା ରୁଜୁ କରିଛି। ରବି ଅଭିଯୋଗପତ୍ର ଦର୍ଶାଇଛନ୍ତି, ବିନା କାରଣରେ ସମ୍ବାରୁ ଆମ୍ବ ଓ କାଜୁ ବଗିଚାରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ଆମ୍ବ ବଗିଚାରେ ଥିବା ଗୁଲୁଙ୍କ ୨ ବଖରା ଘର ସହ ଗଛ କ୍ଷତିଗ୍ରସ୍ତ ହୋଇଛି। ନିଆଁକୁ ଆୟତ୍ତ କରିବା ଅସମ୍ଭବ ହୋଇପଡ଼ିଥିଲା। ପୋଲିସ ଘଟଣାର ତଦନ୍ତ କରିଛି।

## କେନାଲ ହୁଡ଼ାରୁ ମିଳିଲା ମୃତଦେହ

**କଣିହାଁ, ୩।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ଡଙ୍ଗରବେଡ଼ା ଗ୍ରାମ କେନାଲ ହୁଡ଼ାରୁ ସମଲ ପୋଲିସ ଶନିବାର ଏକ ମୃତଦେହ ଜବତ କରିଛି। ମୃତକ ଗ୍ରାମର ପବନା ସିଂ (୪୫) ବୋଲି ଜଣାପଡ଼ିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ତାଳଚେର ମଣ୍ଡାପାଳ ଡାକ୍ତରଖାନାକୁ ପଠାଇଦେଇଛି। ଅଂଶୁଘାତରେ ପବନାଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ବାସିନ୍ଦା ଅନୁମାନ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ଅମୀୟ କୁମାର ଦାସ କହିଛନ୍ତି। କୁଳେଇ ସରପଞ୍ଚ ଅଧର ସାହୁ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଏବଂ କୁଳେଇ ଗ୍ରାମର ଠିକାଦାର ମଣ୍ଟୁ ମହାନ୍ତି ୨ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

## ସ୍କୁଲ ସମସ୍ୟା ଉପରେ ଗୁରୁତ୍ୱ

**ପରଜଙ୍ଗ, ୩।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଉନ୍ନତି, ସୌନ୍ଦର୍ଯ୍ୟକରଣ, ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ଆଲୋକୀକରଣ, ସାଇକେଲ ଷ୍ଟାଣ୍ଡ୍, ସିସି ଟିଭି କ୍ୟାମେରା, ଶୌଚାଳୟର ମରାମତି, ସ୍କୁଲ ଉଦ୍ୟାନରେ ଔଷଧୀୟ ଗଛ ରୋପଣ କରାଯିବାକୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ 'ଯୁବଶକ୍ତି'ର ଅଧ୍ୟକ୍ଷ ହିମାଂଶୁ ଭୂଷଣ ବାରିକ, ସୁରେଶ ସାହୁ, ପ୍ରଶାନ୍ତ ସାହୁ, ଲଳିତ ସାହୁ, ଶିକ୍ଷକ ରାଜକିଶୋର ସାହୁ, ପ୍ରତାପ ସାହୁ, ସୁବୋଧ ସାହୁ, ଯଶୋବନ୍ତ ବିଶ୍ୱାଳ, ରମେଶ ସାମଲ, ସଂଘମିତ୍ରା ସାହୁ, ରଶ୍ମିତା ଜେନା, ନିରୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅଭିଯାନ କାର୍ଯ୍ୟକର୍ତ୍ତାମାନେ।

## ଜଙ୍ଗଲରେ ଛଡ଼ାଗଲା ୫୨ ଧଣ୍ଡ ଛୁଆ

**ଅନୁଗୋଳ ଅଫିସ, ୩।୪**



ଅନୁଗୋଳ ସହର ଉପକଣ୍ଠ ତୁରଙ୍ଗ କେନାଲ ସାହିର ବିଦେଶୀ ବେହେରାଙ୍କ ବାଡ଼ିରୁ ୨୧ଦିନ ତଳେ ଏକ ଧଣ୍ଡ ସାପ ସହ ୬୦ଟି ଅଣ୍ଡା ଉଦ୍ଧାର କରାଯାଇଥିଲା। ସର୍ପମିତ୍ର ଆଦିତ୍ୟ ବେହେରା ଓ ସାଥୀ ରାଧାମୋହନ ସାହୁ ଅଣ୍ଡାଗୁଡ଼ିକ ଯତ୍ନର ସହ ଅନ୍ୟତ୍ର ରଖିଥିଲେ। ସେଥିରୁ ୫୨ଟି ଛୁଆ ବାହାରିବା ପରେ ଅନୁଗୋଳ ବନାଞ୍ଚଳ ଅଧିକାରୀ ସତ୍ୟବ୍ରତ ପ୍ରଧାନଙ୍କୁ ଅବଗତ କରାଯାଇଥିଲା। ବନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାପ ଛୁଆଗୁଡ଼ିକୁ ନିକଟସ୍ଥ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଛି।

## ଡ୍ୟାମ୍‌ରୁ ଉଠିଲାନି ୨ନଂ. ହାଏଷ୍ଟ ଗେଟ୍

**କଣିହାଁ, ୩।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଜଳଭଣ୍ଡାରରେ ବୁଡ଼ି ରହିଥିବା ୨ନଂ. ହାଏଷ୍ଟ ଗେଟ୍‌କୁ ସମସ୍ତ ଉଦ୍ୟମ ସତ୍ତ୍ୱେ ଉଠାଯାଇପାରିନାହିଁ। ଫଳରେ ଏହାର ଆବଶ୍ୟକ ମରାମତି କାର୍ଯ୍ୟ ହୋଇପାରିନାହିଁ।

ସୂଚନାଯୋଗ୍ୟ, ଓଏଚ୍‌ପିସି ପାୱାର ହାଉସର ୨ନଂ. ୟୁନିଟ୍‌ର ହାଏଷ୍ଟ ଗେଟ୍ ମରାମତି ପାଇଁ ଡ୍ୟାମର ଉପର ପାର୍ଶ୍ୱ ରାସ୍ତା ଶନିବାର ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ କର୍ତ୍ତୃପକ୍ଷ ସକାଳ ୬ଟାରୁ ସନ୍ଧ୍ୟା ୮ଟା ଯାଏଁ ଡ୍ୟାମ୍‌ର ଉପର ରାସ୍ତାରେ ଯାତାୟାତ ବନ୍ଦ ରଖିଥିଲେ। ଏହି ବିଶାଳକାୟ ଗେଟ୍‌କୁ କ୍ରେନ୍ ସହାୟତାରେ ଉଠାଇବା ଲାଗି ଯୋଜନା କରାଯାଇଥିଲା। ତେବେ ଜଳଭଣ୍ଡାର ଦାୟିତ୍ୱରେ ଥିବା କୁଶଳୀ ଶ୍ରମିକ, ଯନ୍ତ୍ରୀ ଅକ୍ଲାନ୍ତ ପରିଶ୍ରମ କରିଥିଲେ ମଧ୍ୟ ଗେଟ୍ ଉଠିପାରିନାହିଁ।

ଏ ନେଇ ଓଏଚ୍‌ପିସିର ପରିଚାଳକ ସୁବାସ ପାତ୍ର କୁହନ୍ତି, ଉକ୍ତ ୨ନଂ. ଗେଟ୍ ଦୀର୍ଘ ୩୦ ବର୍ଷ ହେଲା ପାଣି ଭିତରେ ବୁଡ଼ି ରହିଛି। ବହୁ ଚେଷ୍ଟା ସତ୍ତ୍ୱେ ଏହାକୁ ଉପରକୁ ଉଠାଯାଇ ପାରିନାହିଁ। ଡ୍ୟାମ ପରିଚାଳନା ଦାୟିତ୍ୱରେ ଥିବା ଗୁଜରାଟର ଅଭିଜ୍ଞ ଦଳ ଏହାର କାରଣ ତର୍ଜମା କରୁଛନ୍ତି। ଜଳ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀମାନେ ମଧ୍ୟ ଏଥିରେ ସହଯୋଗ କରୁଛନ୍ତି। ଡ୍ୟାମ୍ ଉପର ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଟେଣ୍ଡର ଅବଧି ପୂରଣ ପରେ ଡ୍ୟାମ୍ ପରିଚାଳନା ଦାୟିତ୍ୱରେ ଥିବା ବିଶାଖାପାଟଣାର ବିଶେଷଜ୍ଞ ଦଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନୂତନ ଟେଣ୍ଡର ଅନୁଯାୟୀ ଗୁଜରାଟର ଠିକାସଂସ୍ଥା ଏବେ ଏହି କାର୍ଯ୍ୟ କରୁଛି।

## ଦାଦାବଟି ନ ଦେବାରୁ ଆକ୍ରମଣ

**ଢେଙ୍କାନାଳ ଅଫିସ, ୩।୪**

- ବିଧବାଙ୍କୁ ଗୋଡ଼ାଇ ପିଟିଲେ
- ଆକ୍ରମଣରେ ଅନ୍ୟ ଜଣେ ଆହତ
- ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

ଦାଦାବଟି ମାଗିଲେ। ପ୍ରତିବାଦ କରିବାରୁ ବିଧବା ମହିଳାଙ୍କୁ ଗୋଡ଼ାଇ ପିଟିଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା ଗଁଦିଆ ଥାନା ଆଣ୍ଟୁକୁରାକାଟେଣୀ ଗ୍ରାମରେ। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ବୃନ୍ଦାବନ ନାୟକ (୩୫)ଙ୍କୁ ଲାଉଲଇ ଗ୍ରାମରୁ ଗିରଫ କରିଛି। ଏ ନେଇ ନଂ. ୮୮/୨୧ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସମ୍ପୃକ୍ତା ମହିଳାଙ୍କ ୩ ସନ୍ତାନ। ସେ ମୂଲମଜୁରି ଲାଗି ପରିବାର ଚଳାନ୍ତି। ଗତ ୩୧ ତାରିଖରେ ବୃନ୍ଦାବନ ତାଙ୍କ ଘରକୁ ଆସି ୫ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଘଟଣାଦିନ ଅପରାହ୍ନ ୨ଟାରେ ପୁନର୍ବାର ବୃନ୍ଦାବନ ଘରକୁ ଆସି ମହିଳାଙ୍କୁ ଅସଦ୍ ବ୍ୟବହାର କରିଥିଲେ। ଜୀବନ ବଞ୍ଚାଇବାକୁ ପୀଡ଼ିତା ଜଙ୍ଗଲ ଆଡକୁ ଦୌଡ଼ି ପଳାଇଥିଲେ। ବୃନ୍ଦାବନ ତାଙ୍କ ପିଛା କରି ଧରିବା ସହ ବିଧା ଗୋଇଠା ମାରିଥିଲେ। ଏଥିରେ ମହିଳାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ସମୟରେ ମହିଳାଙ୍କୁ ଉଦ୍ଧାର କରିବାକୁ ଆସିଥିବା ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ବୃନ୍ଦାବନଙ୍କ ଆକ୍ରମଣର ଶିକାର ହୋଇଥିଲେ। ପରେ ଧମକଚମକ ଦେଇ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଲାଉଲଇ ଗ୍ରାମରେ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ଗିରଫ କରିଥିଲା।

## ଭାଷା, ସାହିତ୍ୟକୁ ସୁରକ୍ଷା ଦେଉଛି ପାଲା

**କାମାକ୍ଷାନଗର, ୩।୪(ଡି.ଏନ.ଏ.)**



ପାଲା ସମ୍ମିଳନୀରେ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମ।

- ଜିଲାସ୍ତରୀୟ ପାଲା ଗାୟକ ସମ୍ମିଳନୀ
- ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ
- ସମ୍ମାନିତ ହେଲେ ବରିଷ୍ଠ କଳାକାର

ସମୃଦ୍ଧ ଓଡ଼ିଆ ଭାଷା ସାହିତ୍ୟକୁ ସୁରକ୍ଷା ଦେଉଛି ପାଲା। ଏଥିରେ ପାଲାଗାୟକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ପାଲାଗାୟକ, ସାଥୀ କଳାକାରମାନେ ସମାଜ ସଂସ୍କାରକ ଭାବେ ଅନବରତ କାର୍ଯ୍ୟ କରି ଆସୁଛନ୍ତି। ସେମାନଙ୍କ ବଳିଷ୍ଠ ଉଦ୍ୟମରେ ମାତୃଭାଷାର ମୌଳିକତା ବଞ୍ଚିରହିଛି ବୋଲି କହିଛନ୍ତି ସାଧୁ ମହାରାଜ ସନ୍ତୋଷ ଚୈତନ୍ୟ। କାମାକ୍ଷାନଗରସ୍ଥିତ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଶନିବାର ଆୟୋଜିତ ଜିଲାସ୍ତରୀୟ ୩୮ତମ ପାଲା ଗାୟକ ସମ୍ମିଳନୀ ଏବଂ ମୁଖ୍ୟ ଉପଦେଷ୍ଟା ଡ. ରାମଚନ୍ଦ୍ର ଦାଶଙ୍କ ୮୨ତମ ଜୟନ୍ତୀ ସମାରୋହରେ ଅତିଥି ଭାବେ ଯୋଗଦେଇ ସେ ଏଭଳି ଆହ୍ୱାନ ଦେଇଛନ୍ତି। ଏଥିସହ ଏକାଠି ହୋଇ ସଙ୍ଗଠନକୁ ସୁଦୃଢ଼ କରିବାକୁ କଳାକାରଙ୍କୁ ପରାମର୍ଶ ଦେଇଥିଲେ।

ପ୍ରଥମ ଅଧିବେଶନରେ ଗୁରୁପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାଲା ସଂସ୍କୃତିର ସଂରକ୍ଷଣ, ପ୍ରଚାରପ୍ରସାରରେ ଡ. ରାମଚନ୍ଦ୍ର ଦାଶ ଜୀବନବ୍ୟାପୀ ସାଧନା କରିଛନ୍ତି। ଏଭଳି ମହତ୍ କାର୍ଯ୍ୟ ଲାଗି ସେ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ଡ. ଦାଶଙ୍କୁ ବସ୍ତ୍ର, ଆଭୂଷଣ ପ୍ରଦାନ କରାଯାଇଥିଲା। ସଂଘର ଉପସଭାପତି ଉଦୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମଠକରଗୋଳା କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ସଂଯୋଜନା କରିଥିଲେ। ମଧ୍ୟାହ୍ନରେ ଅଧିବେଶରେ ସାଙ୍ଗଠନିକ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷ ଅଧିବେଶନରେ ଡ. ରାମଚନ୍ଦ୍ର ଦାଶଙ୍କ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ତାଙ୍କ ପରିବାର ପକ୍ଷରୁ ଜିଲାର ପ୍ରତିଷ୍ଠିତ ପାଲାଗାୟକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସଙ୍ଗଠନକୁ ସୁଦୃଢ଼ କରିବା, ନିୟମିତ ପାଲା ସମ୍ମିଳନୀ ଆୟୋଜନ କରିବାକୁ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଡ. ଧର୍ମାନନ୍ଦ ପୃଷ୍ଟି, ରାଜ୍ୟ ସଂଯୋଜକ ଦୁର୍ଗାମାଧବ ପୃଷ୍ଟି, ସାଙ୍ଗଠନିକ ସମ୍ପାଦକ ଅଜୟ ମହାଭୋଇ, ସ୍ଥାୟୀ ସଭାପତି ବିଚିତ୍ରାନନ୍ଦ ପଟ୍ଟନାୟକ, ନୀଳମଣି ମହାପାତ୍ରଙ୍କ ସମେତ ବିଭିନ୍ନ ମଣ୍ଡଳର ଶତାଧିକ ଗାୟକ, ବାୟକ ଏବଂ କଳାକାର ଉପସ୍ଥିତ ଥିଲେ। ଶେଷରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

